## ହାତୀ କ୍ଷତିଗ୍ରସ୍ତଙ୍କୁ ସହାୟତା

ତାଳଚେର,(ନି.ପ୍ର.): ତାଳଚେର ବ୍ଲକ ସନ୍ତପଡ଼ା ପଞ୍ଚାୟତ ଚୁଲକଲଣ୍ଡି ଗ୍ରାମରେ ରବିବାର ହାତୀପଲ ପଶି କ୍ଷୟକ୍ଷତି ଘଟାଇଥିଲେ। ଚିନ୍ତାମଣି ସିଂଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଦେବା ସହ ଆସବାବପତ୍ର ନଷ୍ଟ କରିଦେଇଥିଲେ। ଖବରପାଇ ସାମାଜିକ କର୍ମୀ ବିଭୂତି ସାହୁ ଘଟଣାସ୍ଥଳରେ ପହଞ୍ଚି ଜଗନ ମୋହନ, ସହଦେବ ସାହୁ, ଶିଖର ନାଏକ ପ୍ରମୁଖଙ୍କ ସହଯୋଗରେ କ୍ଷତିଗ୍ରସ୍ତ ଚିନ୍ତାମଣିଙ୍କୁ ଜରିପାଲ, ଚୁଡ଼ା, ଚାଉଳ, ରାଶନ ଆଦି ସାମଗ୍ରୀ ସହାୟତା ପ୍ରଦାନ କରିଥିଲେ।

# ମାଫିଆଙ୍କ ଟାର୍ଗେଟରେ ମୂଲ୍ୟବାନ୍ ଗଛ

- ଅସୁରକ୍ଷିତ ଖମାର ବନାଞ୍ଚଳ
- ଦୈନିକ ଚାଲିଛି କାଠ ଚୋରାଚାଲାଣ
- କର୍ତ୍ତୃପକ୍ଷଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ



ଖମାର,୪।୧(ଡି.ଏନ.ଏ.)

ଦେବଗଡ଼ ବନଖଣ୍ଡ ଅଧୀନରେ ଥିବା ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡର ଖମାର ବନାଞ୍ଚଳରେ କାଠ ଚୋରାଚାଲାଣ ବଢ଼ିଚାଲିଥିବା ଅଭିଯୋଗ ହେଉଛି। ଦୈନିକ ଟନ୍ ଟନ୍ କାଠ କାଟି ନିଆଯାଉଥିବାରୁ ଏଠାକାର ଜଙ୍ଗଲ ଏକପ୍ରକାର ଅସୁରକ୍ଷିତ ହୋଇପଡ଼ିଛି। କାଠ ମାଫିଆମାନେ କେତେଜଣ କର୍ମଚାରୀଙ୍କୁ ହାତ କରି ଜଙ୍ଗଲରୁ ନିୟମିତ ଭାବେ ମୂଲ୍ୟବାନ ଗଛ କାଟି ନେଉଥିବାବେଳେ ବନ ବିଭାଗ କର୍ତ୍ତୃପକ୍ଷ କେବେ କେମିତି କେତୋଟି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ଗତ ୩ରୁ ୪ ମାସ ମଧ୍ୟରେ ବନ ବିଭାଗ ୧୮୫ ସିଏଫ୍‌ଟି କାଠ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କା ହେବ। ଏଥିସହ କାଠ ଚୋରାଚାଲାଣ ହେଉଥିବା ୮ଟି ସାଇକେଲ, ୪ଟି କାର୍ ଓ ବାଇକ୍ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ କେତେଜଣ ଚୋରା ଚାଲାଣକାରୀଙ୍କୁ ଗିରଫ କରାଯାଇଛି। ଗତ ରବିବାର ଭୋର୍ ସମୟରେ ବନ ବିଭାଗ କର୍ମଚାରୀମାନେ ୨ଟି କାର୍ ସହିତ ୬୪ ଖଣ୍ଡ କାଠ ଜବତ କରିଛନ୍ତି। ୨ ଜଣଙ୍କୁ ଗିରଫ କରିଛନ୍ତି। ଦୈନିକ ରେଞ୍ଜ ଅଞ୍ଚଳରୁ ବହୁ ପରିମାଣର କାଠ ଚୋରା ଚାଲାଣ କରାଯାଉଥିବା ବେଳେ ଏହି ଦୀର୍ଘ ସମୟ ମଧ୍ୟରେ ବିଭାଗୀୟ କର୍ତ୍ତୃପକ୍ଷ କେବଳ ୧୮୫ ସିଏଫ୍‌ଟି କାଠ ଜବତ କରିବା ଅଞ୍ଚଳବାସୀଙ୍କୁ ଚକିତ କରିଛି। ଅନେକ ସମୟରେ ମୂଲ୍ୟବାନ ଗଛ କଟାଯାଇ ଦାମୀ ଗାଡ଼ିଗୁଡ଼ିକରେ ବାହାରକୁ ପଠାଯାଉଛି। ଶଗଡ଼ ଯୋଗେ ମଧ୍ୟ ଗଛ ବୋହି ନିଆଯାଉଛି। କେତେଜଣ କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଦୀର୍ଘଦିନ ହେବ ଏହି କାରବାର ଜାରି ରଖାଯାଇଥିବା ଚର୍ଚ୍ଚା ହେଉଛି।

### ସୁରକ୍ଷା ଦେବାରେ ବିଫଳ



"ବନ ବିଭାଗ ଅଧିକାରୀମାନେ ଏଠାକାର ଜଙ୍ଗଲକୁ ସୁରକ୍ଷା ଦେଇପାରୁ ନାହାନ୍ତି। ଦୈନିକ ଟ୍ରିପ୍ ଟ୍ରିପ୍ କାଠ ଚୋରା ଚାଲାଣ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ କେବଳ କେତୋଟି ସାଇକେଲ, ବାଇକ୍ ଜବତରେ ଅଟକି ଯାଇଛନ୍ତି।

-ଯୁଗଳ କିଶୋର ଜିତ, ଖମାର

### ଉପରଠାଉରିଆ କାର୍ଯ୍ୟାନୁଷ୍ଠାନ



"ବନ ବିଭାଗର କେତେଜଣ କର୍ମଚାରୀଙ୍କ ଜାଣତରେ କାଠ ଚୋରାଚାଲାଣ ହେଉଛି। ସେଥିପାଇଁ କାଠ ମାଫିଆମାନେ ଖସିଯାଉଥିବା ବେଳେ କେବେ କେମିତି ଛୋଟମୋଟ କାଠଚୋରଙ୍କୁ ବନ୍ଧାଯାଉଛି। ଏହା କେବଳ ଉପରଠାଉରିଆ କାର୍ଯ୍ୟାନୁଷ୍ଠାନ।

-ମୀନା ପ୍ରଧାନ, ଖମାର

### ଚୋରି ରୋକିବାକୁ ଉଦ୍ୟମ ହେଉଛି



"ଜଙ୍ଗଲ ହେଉଛି ଖୋଲା ଟ୍ରେଜେରି। ତାହାକୁ ସବୁ ଦିଗରୁ ସୁରକ୍ଷା ଦେବାକୁ ଚେଷ୍ଟା କରାଯାଉଛି। ଏଠାରେ ଯୋଗଦେବା ପରଠାରୁ କାଠ ଚୋରି ହ୍ରାସ ପାଇଛି। ଜଙ୍ଗଲରେ ଅଧିକ ସମୟ ରହିବାକୁ କର୍ମଚାରୀଙ୍କୁ କୁହାଯାଇଛି।

-ଚନ୍ଦ୍ରଶେଖର ଗଡ଼ନାୟକ, ରେଞ୍ଜର, ଖମାର ବନାଞ୍ଚଳ

# ବ୍ଲକ, ପୌରାଞ୍ଚଳରେ ହେବ ପ୍ରତିବାଦ

ଅନୁଗୋଳ ଅଫିସ, ୪।୧

ପଞ୍ଚାୟତ ନିର୍ବାଚନରେ ଓବିସି ସଂରକ୍ଷଣ ଉଚ୍ଛେଦକୁ ବିରୋଧ କରି ଅନୁଗୋଳ ଜିଲା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଜିଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ପ୍ରତିବାଦ ଶୋଭାଯାତ୍ରା କରାଯିବ। ଏ ନେଇ ମଙ୍ଗଳବାର ଅପରାହ୍ନରେ ମୋର୍ଚ୍ଚା ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା। ମୋର୍ଚ୍ଚା ସଭାପତି ସରୋଜ ଜେନାଙ୍କ ଅଧ୍ୟକ୍ଷତାରେ ଏହି ସଭାରେ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ ଯୋଗଦେଇ ସରକାର ଓବିସିଙ୍କ ସଂରକ୍ଷଣ ସ୍ଥିର କରିବା ପରେ ପଞ୍ଚାୟତ ନିର୍ବାଚନ କରନ୍ତୁ ବୋଲି ଦାବି କରିଥିଲେ। ମୋର୍ଚ୍ଚା ପ୍ରଭାରୀ ପ୍ରଦୀପ ପ୍ରଧାନ ଉପସ୍ଥିତ ଥିଲେ। ୮ ତାରିଖ ମଧ୍ୟରେ ଏହି କାର୍ଯ୍ୟକ୍ରମ ଶେଷ କରିବାକୁ ସାଧାରଣ ସମ୍ପାଦକ ଯଶୋବନ୍ତ ପ୍ରସାଦ ବେହେରା, ଲକ୍ଷ୍ମଣ କୁମାର ସାହୁ, ସମ୍ପାଦକ ହରେକୃଷ୍ଣ ପ୍ରଧାନ, ଉପସଭାପତି ସୁମନ୍ତ ପ୍ରଧାନ, କହ୍ନେଇ ସାହୁ, ମିଡିଆ ସେଲ ପ୍ରମୁଖ ଭୀଷ୍ମ ପ୍ରଧାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

# ମାଡ଼ ଅଭିଯୋଗ, ୬ ମାମଲା

ବଇଣ୍ଡା,୪।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ସାତପେରେଡିଆ ଗ୍ରାମର ମମତା ପ୍ରଧାନଙ୍କୁ ତାଙ୍କ ଦିଅର ଦିବାକର ପ୍ରଧାନ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନଂ. ୪/୨୨ରେ ମାମଲା ରୁଜୁ ହୋଇଛି। ସେହିପରି ଗୁଣ୍ଡୁରିମୁଣ୍ଡା ଗ୍ରାମର ଗଜାନନ ନାୟକଙ୍କୁ ହଣ୍ଡପା ଗ୍ରାମର ଇକଲ ବିଶ୍ୱାଳ, ଯତୀନ ବିଶ୍ୱାଳ ମାଡ଼ ମାରିଥିବା ଅଭିଯୋଗକୁ ଭିତ୍ତିକରି ନମ୍ବର ୫/୨୨ରେ ମାମଲା ରୁଜୁ କରାଯାଇଛି। ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଲେଖପୁର ଗ୍ରାମର ଅର୍ଚ୍ଚନା କଅଁରଙ୍କୁ ସେହି ଗ୍ରାମର ପ୍ରଶାନ୍ତ ପ୍ରଧାନ ମାଡ଼ ମାରିଥିବା ନେଇ ଠାକୁରଗଡ଼ ଥାନାରେ ନମ୍ବର ୭/୨୨, ପଥରଗୁମ୍ଫା ଗ୍ରାମର ଦ୍ରୌପଦୀ ସାହୁଙ୍କୁ ତାଙ୍କ ଦେଢ଼ଶୁର ଓ ପୁତୁରା ମାଡ଼ ମାରିଥିବା ଅଭିଯୋଗରେ ନଂ. ୮/୨୨, ଟାପଢୋଲ ଗ୍ରାମର ପାର୍ବତୀ ନାୟକ ଓ ତାଙ୍କ ସ୍ୱାମୀ ବସନ୍ତ ନାୟକଙ୍କୁ ପୁଅ ସୁନୀଲ ନାୟକ ମାଡ଼ ମାରିଥିବା ନେଇ ନମ୍ବର ୯/୨୨ ଓ ଚେରଖଣ୍ଡି ଗ୍ରାମର ପ୍ରତିମା ନାୟକଙ୍କୁ ତାଙ୍କ ସ୍ୱାମୀ ନରୋତ୍ତମ ନାୟକ ମାଡ଼ ମାରିଥିବା ନେଇ ଠାକୁରଗଡ଼ ପୋଲିସ ନମ୍ବର ୫/୨୨ ରେ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ୧୭ରୁ ସମୂହ ଛୁଟି ଚେତାବନୀ

ଅନୁଗୋଳ ଅଫିସ, ୪।୧: ଗତ ୨୮ ତାରିଖରୁ ଆନ୍ଦୋଳନ ଚଳାଇଥିବା ଫାର୍ମାସିଷ୍ଟମାନଙ୍କ ଦାବି ପୂରଣ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଧ୍ୟାନ ଦିଆଯାଉ ନ ଥିବାରୁ ଆସନ୍ତା ୧୭ ତାରିଖରୁ ସମୂହ ଛୁଟି ଚେତାବନୀ ଦେଇଛି ରାଜ୍ୟ ଫାର୍ମାସିଷ୍ଟ ସଂଘ। ସଂଘର ଅନୁଗୋଳ ଜିଲା ଶାଖା ପକ୍ଷରୁ ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିକଟକୁ ଏକ ଚିଠି ପଠାଯାଇଛି। ବାରମ୍ବାର ଦାବି ସତ୍ତ୍ୱେ କ୍ୟାଡ଼ର୍ ଅସଙ୍ଗତି ଦୂର କରାଯାଉ ନାହିଁ। ପଦୋନ୍ନତି ଦିଆଯାଉ ନ ଥିବାବେଳେ କାର୍ଯ୍ୟ ଅନୁଯାୟୀ ସମ୍ମାନ ମିଳୁନାହିଁ। ତେଣୁ ଦାବି ପୂରଣ କରା ନ ଗଲେ ଜିଲାରେ କାର୍ଯ୍ୟରତ ୫୦ ଜଣ ଫାର୍ମାସିଷ୍ଟ ଛୁଟିରେ ଯିବେ ବୋଲି ଜିଲା ଶାଖା ସଭାପତି ରାଜେନ୍ଦ୍ର କୁମାର ସାହୁ, ଉପସଭାପତି ହରିଶ ଚନ୍ଦ୍ର ପାଲ, ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ବିଷ୍ଣୁଚରଣ ସାହୁ, କୋଷାଧ୍ୟକ୍ଷ ସୁଚିତ କୁମାର ଗଡ଼ନାୟକ ଓ ଉପଦେଷ୍ଟା ଅକ୍ଷୟ କୁମାର ବିଶ୍ୱାଳ ଜଣାଇଛନ୍ତି।

### ଟ୍ରକ୍ ଧକ୍କାରେ ଯୁବକ ମୃତ

ଛେଣ୍ଡିପଦା,୪।୧(ସ୍ୱ.ପ୍ର.): ଅନୁଗୋଳ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଜରପଡା ଥାନା ଅଞ୍ଚଳରେ ଏକ ଟ୍ରକ୍ ଧକ୍କାରେ ପୁରୁଣାଗଡ ଗ୍ରାମର ଶିଶିର ମହାପାତ୍ର (୫୦)ଙ୍କ ମୃତ୍ୟୁ ହୋଇଛି। ଶିଶିର ମରାଡିରା ସାପ୍ତାହିକ ହାଟରୁ ଫେରୁଥିବା ବେଳେ ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିବା ପୋଲିସ କହିଛି।

### ଛେଣ୍ଡିପଦା ବ୍ଲକରେ ୧୨ କେନ୍ଦ୍ର

ଛେଣ୍ଡିପଦା,୪।୧(ସ୍ୱ.ପ୍ର.): ଦଶମ ଶ୍ରେଣୀ ପିଲାଙ୍କ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେବ। ଏଥିପାଇଁ ଛେଣ୍ଡିପଦା ବ୍ଲକ୍ ଅଞ୍ଚଳରେ ୧୨ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ଏଥିରେ ବ୍ଲକ ଅଞ୍ଚଳର ମୋଟ ୨୩୮୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିପାଇଁ ପହଞ୍ଚିଥିବା ପ୍ରଶ୍ନପତ୍ର ଗୁଡ଼ିକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ରରେ ରଖାଯାଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଏହା ପହଞ୍ଚାଇବା ନିମନ୍ତେ ଶିକ୍ଷକ ଭିକାରୀ ବନ୍ଧୁ ସାହୁ, ମୁରଲୀଧର ବେହେରା, ଭବାନୀ ଶଙ୍କର ବେହେରା ଓ ଆଶିଷ ବେହେରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପରୀକ୍ଷାକେନ୍ଦ୍ର ଗୁଡ଼ିକରେ କୋଭିଡ୍ ନିୟମ ପାଳନ କରାଯିବ ବୋଲି ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ରାଜେନ୍ଦ୍ର କୁମାର ସାହୁ ପ୍ରକାଶ କରିଛନ୍ତି।

### ୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ/ ଢେଙ୍କାନାଳ ଅଫିସ, ୪।୧: ଅନୁଗୋଳ ଜିଲାରୁ ମଙ୍ଗଳବାର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତ ଜଣକ କିଶୋରନଗର ବ୍ଲକ ଅଞ୍ଚଳର। ତାଙ୍କୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାରେ ପଜିଟିଭ୍ ସଂଖ୍ୟା ୪୪ ହଜାର ୫୧୭ରେ ପହଞ୍ଚିଛି। ସେହିପରି ଢେଙ୍କାନାଳ ଜିଲାରୁ ମଧ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୧୫ରୁ ୧୮ ବର୍ଷର ପିଲାଙ୍କ ଟିକାକରଣର ଦ୍ୱିତୀୟ ଦିନରେ ଅନୁଗୋଳ ଜିଲାରେ ମୋଟ ୩ ହଜାର ୪୭୪ ଜଣ ଟିକା ନେଇଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପ୍ରକାଶ କରିଛନ୍ତି।

### ନୂତନ କର୍ମକର୍ତ୍ତା ଚୟନ

ମାଧପୁର,୪।୧: ଆଠମଲ୍ଲିକ ବ୍ଲକ ମାଧପୁର ଖେଳପଡ଼ିଆରେ ମାଧପୁର କ୍ରୀଡ଼ା ସଂସଦ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଜିତ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିବା ବେଳେ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଫୁଲ୍ଲ ସାହୁ, ବିମଳ କୁମାର ଷଣ୍ଢ ସମ୍ପାଦକ, ଶଶୀଭୂଷଣ ବିଶ୍ୱାଳ ଉପସମ୍ପାଦକ, ବିକାଶ ରଞ୍ଜନ ପ୍ରଧାନ ସହ ସମ୍ପାଦକ, ଅମ୍ବିକା ପ୍ରସାଦ ଦେହୁରୀ କୋଷାଧ୍ୟକ୍ଷ ମନୋନୀତ ହୋଇଥିଲେ। ନୂତନ କର୍ମକର୍ତ୍ତାମାନଙ୍କୁ ମନୋଜ କୁମାର ପ୍ରଧାନ ସ୍ୱାଗତ ଜଣାଇଥିଲେ। ବୈଠକରେ କ୍ରୀଡ଼ା ସଂସଦର ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା।

### ଶିକ୍ଷକଙ୍କ ବିୟୋଗରେ ଶୋକ

କଣିହାଁ,୪।୧(ଡି.ଏନ.ଏ.): କଣିହାଁ ବ୍ଲକ ଜରଡ଼ା ପଞ୍ଚାୟତ ହାଇସ୍କୁଲର ସହକାରୀ ଶିକ୍ଷକ ବିବେକାନନ୍ଦ ଶତପଥୀ (୫୬)ଙ୍କ ବିୟୋଗରେ ମଙ୍ଗଳବାର ସ୍କୁଲ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ବିଶ୍ୱମୋହନ ରାଉଳ ସଭାପତିତ୍ୱ କରିଥିଲେ। ଜରଡ଼ା କ୍ଲଷ୍ଟର ସିଆର୍‌ସିସି ପ୍ରମୋଦ ଚନ୍ଦ୍ର ପ୍ରଧାନ, ସହକାରୀ ଶିକ୍ଷୟିତ୍ରୀ ପଙ୍କଜିନୀ ପ୍ରଧାନ, ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ମହାପାତ୍ର, ଡିଏସ୍‌ଓ ଜିଲା ସଭାପତି ପରମାନନ୍ଦ ସାହୁଙ୍କ ସମେତ କର୍ମଚାରୀ, ଛାତ୍ରୀଛାତ୍ର ଓ ଗ୍ରାମବାସୀ ଯୋଗଦେଇ ସ୍ୱର୍ଗତ ଶତପଥୀଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ଛାତ୍ରବତ୍ସଳ, ଉତ୍ସର୍ଗୀକୃତ ଶିକ୍ଷକଭାବେ ପରିଚିତ ଥିଲେ।

# ଶୀତକାଳୀନ ସେବା ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବଇଣ୍ଡା,୪।୧(ଡି.ଏନ.ଏ.)

କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟରେ ଚାଲିଥିବା ଶୀତକାଳୀନ ଜାତୀୟ ସେବା ସଂସ୍ଥାନ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଏରାଟ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଝରାବେରେଣୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ରଞ୍ଜିତ ସାହୁ, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ତରଣୀ ସେନ ସାହୁ, ରୋଜାଲିନୀ ପ୍ରଧାନ ଯୋଗଦେଇଥିଲେ। କବି ଚିତ୍ତରଞ୍ଜନ ଦାସ, କୁଳମଣି ମେହେର, ଲଳିତ ରାଉତ, ବାସବ ପଲେଇ, ଆକାଶ ସାହୁ, ନିରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# 'ସାମାଜିକ କ୍ଷେତ୍ର ବିକାଶ ଉପରେ ଧ୍ୟାନ ଦିଆଯାଉ'

ବଇଣ୍ଡା,୪।୧(ଡି.ଏନ.ଏ.)

ଶିକ୍ଷାର ଉନ୍ନତି ସହ ସାମାଜିକ କ୍ଷେତ୍ରର ବିକାଶ ଉପରେ ଅଧିକ ଧ୍ୟାନ ଦିଆଯାଉ। ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଡିଗ୍ରୀ ମହାବିଦ୍ୟାଳୟରେ ସୋମବାର ଜାତୀୟ ସେବା ଯୋଜନା ସ୍ୱତନ୍ତ୍ର ଶିବିରର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। ଅଧ୍ୟକ୍ଷ ପ୍ରତିମା ବାଘଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଇଣ୍ଡା ଜନତା ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ତରୁଣ କୁମାର ପ୍ରଧାନ, ସରୋଜ ଦ୍ୱାରୀ, ସରୋଜ ରଞ୍ଜନ ପ୍ରଧାନ, ଅଧ୍ୟାପିକା କଲ୍ୟାଣୀ ରୂପା ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।




ଶିବିର ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଅତିଥିମାନେ।

# ବଦଳି ବାତିଲ ଦାବିରେ ଧାରଣା

ଅନୁଗୋଳ ଅଫିସ, ୪।୧



ସ୍କୁଲ ସମ୍ମୁଖରେ ଧାରଣା ଦିଆଯାଇଛି।

ଅନୁଗୋଳ ବ୍ଲକ ନୂଆସାହି ଉପ୍ରା ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବିଜୟ କୁମାର ସାମଲଙ୍କ ବଦଳି ବାତିଲ ଦାବିରେ ମଙ୍ଗଳବାର ଗ୍ରାମବାସୀ ସ୍କୁଲ ସମ୍ମୁଖରେ ଧାରଣା ଦେଇଥିଲେ। ଗ୍ରାମବାସୀ କହିଛନ୍ତି, ଏହି ଶିକ୍ଷାନୁଷ୍ଠାନରେ ମୋଟ ୨୬୨ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ୧୦ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ସେମାନଙ୍କ ମଧ୍ୟରୁ ବିଜ୍ଞାନ ଶିକ୍ଷକ ସାମଲ ଏକମାତ୍ର ସ୍ନାତକ ତଥା ସର୍ବକନିଷ୍ଠ। କିନ୍ତୁ ଗତ ୯ ତାରିଖରେ ତାଙ୍କୁ ସାରୁଆଳୀ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଫଳରେ ନୂଆସାହି ସ୍କୁଲର ଛାତ୍ରୀଛାତ୍ରମାନେ ବିଜ୍ଞାନ ଓ ଗଣିତ ଶିକ୍ଷାରୁ ବଞ୍ଚିତ ହେବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କ ବଦଳି ବାତିଲ ପାଇଁ ପବିତ୍ର ପ୍ରଧାନ, ମାନସ ପ୍ରଧାନ, ମନୋଜ କୁମାର ସାହୁ, ଆଶିଷ ତ୍ରିପାଠୀ, ଶ୍ରୀକାନ୍ତ ସାହୁ, ବିଦ୍ୟାଳୟ ସଭାପତି ରଞ୍ଜିତ ସାହୁ ପ୍ରମୁଖ ଦାବି କରିଛନ୍ତି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର

ବନ୍ତଳା,୪।୧(ଡି.ଏନ.ଏ.)

ଅନୁଗୋଳ ବ୍ଲକ ୪ନଂ. ଜିଲା ପରିଷଦ ଜୋନ୍‌ରେ ମଙ୍ଗଳବାର ବିଧାୟକ ରଜନୀକାନ୍ତ ସିଂହଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଓଡ଼ିଶା ସରକାରଙ୍କ ୫-ଟି ବିଭାଗ ଅନ୍ତର୍ଗତ ବନ୍ତଳା ବାଳିକା ଉଚ୍ଚ ବିଦ୍ୟାଳୟ, ବାରଗୌଣିଆ ଉଚ୍ଚ ବିଦ୍ୟାଳୟ ଓ ବଡକନ୍ତକୁଳ ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ, ନୂଆଖେତା-ବଡକନ୍ତକୁଳ ରାସ୍ତା ଉପରେ ୨ଗୋଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥିସହିତ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନୂଆଖେତା ଓ ନୂଆରାଇଗୁଡା ଗ୍ରାମରେ ୨ଗୋଟି ପ୍ରକଳ୍ପର ଭୂମି ପୂଜନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଯୁବନେତା ଅରୁଣାଭ ସିଂହ, ଜିଲା ପରିଷଦ ସୁକାନ୍ତିବାଳା ନାୟକ, ରୁବି ସାହୁ, ହାଡ଼ିବନ୍ଧୁ ଦେହୁରୀ, ଭାଗୀରଥି ମାଝି, ଦୁର୍ଯ୍ୟୋଧନ ସାହୁ, ମୋହନ ସାହୁ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ସରପଞ୍ଚ ଧ୍ରୁବଚରଣ ଦେହୁରୀ, ହରିହର ସାହୁ, ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନୂଆଖେତା ଗ୍ରାମରେ ଏକ ସାଧାରଣ ସଭା ସହ ମାଗୁରଖୋଲ ଗ୍ରାମରେ ଲୋକଙ୍କ ସହିତ ବିଧାୟକ ଆଲୋଚନା କରିଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ଓ ଅନ୍ୟମାନେ।

DSPL-372

## ୧୫ ରୁ ୧୮ ବର୍ଷ କିଶୋର/କିଶୋରୀମାନଙ୍କର କୋଭିଡ୍ ଟୀକାକରଣ ପାଇଁ ମାର୍ଗଦର୍ଶିକା

**ଟୀକାକରଣ ପାଇଁ ଯୋଗ୍ୟତା** - ୧୫ ରୁ ୧୮ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲା (୨୦୦୭ ମସିହା କିମ୍ବା ତା' ପୂର୍ବରୁ ଜନ୍ମ)

**ପଞ୍ଜିକରଣ ଉପାୟ** - କୋ-ୱିନ୍ ପୋର୍ଟାଲ୍‌ରେ ପଞ୍ଜିକୃତ ଥିବା ଆକାଉଣ୍ଟ ଦ୍ୱାରା କିମ୍ବା (https://selfregistration.cowin.gov.in/)ରେ ନିଜ ମୋବାଇଲ୍ ନମ୍ବର ମାଧ୍ୟମରେ ଲଗ୍‌ଇନ୍ କରି ଟୀକା ପାଇଁ ପଞ୍ଜିକରଣ କରନ୍ତୁ କିମ୍ବା ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରକୁ ଯାଇ ପଞ୍ଜିକରଣ କରନ୍ତୁ।

**ପଞ୍ଜିକରଣ ପାଇଁ ଆବଶ୍ୟକ ପରିଚୟପତ୍ର** (ନିମ୍ନ ପ୍ରଦତ୍ତ ମଧ୍ୟରୁ କୌଣସି ଗୋଟିଏ)

| | |
|---|---|
| ୧. ଷ୍ଟୁଡେଣ୍ଟ ଆଇ କାର୍ଡ | ୨. ଆଧାର କାର୍ଡ |
| ୩. ଡ୍ରାଇଭିଂ ଲାଇସେନ୍‌ସ୍ | ୪. ପ୍ୟାନ୍ କାର୍ଡ |
| ୫. ପାସ୍‌ପୋର୍ଟ | ୬. ପେନ୍‌ସନ୍ ପାସ୍‌ବୁକ୍ |
| ୭. NPR ସ୍ମାର୍ଟ କାର୍ଡ | ୮. ଭୋଟର କାର୍ଡ |
| ୯. ଫଟୋଥିବା ଭିନ୍ନକ୍ଷମ ସାର୍ଟିଫିକେଟ୍/UDID କାର୍ଡ | ୧୦. ଫଟୋଥିବା ଖାଉଟି ପରିଚୟ ପତ୍ର |

**ଟୀକାକରଣ ସାର୍ଟିଫିକେଟ୍ ପାଇବାର ବିଧି** - (https://selfregistration.cowin.gov.in/) ରେ ଲଗ୍‌ଇନ୍ କରି ଟୀକାକରଣ ସାର୍ଟିଫିକେଟ୍ ଡାଉନ୍‌ଲୋଡ୍ କରାଯାଇ ପାରିବ।

**ଟୀକାର ନାମ** - ୧୫ ରୁ ୧୮ ବର୍ଷ ପିଲାଙ୍କ ପାଇଁ କେବଳ **କୋଭାକ୍ସିନ୍** ଟୀକାକୁ ଅନୁମୋଦନ କରାଯାଇଛି।

**ଦୁଇ ଡୋଜ୍ ଟୀକା ମଧ୍ୟରେ ବ୍ୟବଧାନ** - ୧ମ ଡୋଜ୍ ଟୀକା ନେବାର ୪ ରୁ ୬ ସପ୍ତାହ ମଧ୍ୟରେ ୨ୟ ଡୋଜ୍ ନିଆଯାଇ ପାରିବ।

**ଟୀକାକରଣ ପରବର୍ତ୍ତୀ ପାର୍ଶ୍ୱ ପ୍ରତିକ୍ରିୟା** - ଟୀକା ନେବା ପରେ ଇଂଜେକ୍‌ସନ୍ ନେବା ସ୍ଥାନରେ ସାମାନ୍ୟ ବ୍ୟଥା କିମ୍ବା ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଜ୍ୱର, ଦେହ ଘୋଳାବିନ୍ଧା, ପେଟ ଯନ୍ତ୍ରଣା, ବାନ୍ତି ଲାଗିବା ଭଳି ସାମାନ୍ୟ ପ୍ରତିକ୍ରିୟା ଦେଖାଯାଇ ପାରେ। ତେବେ ଏଭଳି କ୍ଷେତ୍ରରେ ବିଚଳିତ ନହୋଇ ନିକଟସ୍ଥ ଆଶା / ସ୍ୱାସ୍ଥ୍ୟକର୍ମୀ / ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରନ୍ତୁ।

**ଟୀକା ନେବାପରେ ମଧ୍ୟ କୋଭିଡ୍ ପ୍ରତିରୋଧି ନିୟମ ମାନି ଚଳନ୍ତୁ**

**ସମ୍ପୂର୍ଣ୍ଣ ଟୀକାକରଣ, ସୁରକ୍ଷିତ ଜୀବନ।**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

OIPR-10003/13/0122/2122

